**<u>ଅଣ-ରିପୋର୍ଟ ଯୋଗ୍ୟ</u>**

# ଭାରତର ସର୍ବୋଚ୍ଚ ନ୍ୟାୟଳୟ

## ଦେୱାନୀ ଆବେଦନ କ୍ଷେତ୍ରାଧିକାର

## <u>ଦେୱାନୀ ଆବେଦନ ସଂଖ୍ୟା ୮୫୭୧/୨୦୧୩</u>

**ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ ..... ଆବେଦନକାରୀ**

**ବନାମ**

**ରବି ସାହୁ ଏବଂ ଅନ୍ୟଜଣେ ..... ଉତ୍ତରଦାତାମାନେ**

## <u>ରାୟ</u>

**<u>ସଞ୍ଜୟ କୁମାର, ନ୍ୟାୟମୂର୍ତ୍ତି</u>**

**୧.** ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ (ବିସିଆଇ) ତା ୨୧.୦୯.୨୦୧୨ ରିଖରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ ଡବ୍ଲୁ. ପି. (ସି) ସଂଖ୍ୟା ୩୨୫୦୬/୨୦୧୧ ରେ ପ୍ରଦାନ କରିଥିବା ଆଦେଶ ବିରୋଧରେ ଆବେଦନ କରିଛନ୍ତି । ଉକ୍ତ ଆଦେଶ ଦ୍ୱାରା, ରିଟ୍ ଆବେଦନକାରୀ ଯଥା ଏଠାରେ ପ୍ରତିବାଦୀ ସଂଖ୍ୟା ୧ଙ୍କୁ ତୁରନ୍ତ ଓକିଲ ଭାବେ ନାମ ପଞ୍ଜୀକରଣ କରିବାକୁ ବିସିଆଇକୁ ନିର୍ଦ୍ଦେଶ ଦିଆଯାଇଥିଲା। ।

**୨.** ତା ୨୮.୦୧.୨୦୧୩ ରିଖର ଆଦେଶ ଦ୍ୱାରା, ଏହି ଅଦାଲତ ଆକ୍ଷେପିତ ଆଦେଶର କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଜାରିକରିଛନ୍ତି ।

**୩.** ନୋଟିସ୍ ସେବା ସତ୍ତ୍ୱେ, ଉତ୍ତରଦାତାମାନଙ୍କ ମଧ୍ୟରୁ କେହି, ଅର୍ଥାତ୍, ରିଟ୍ ଆବେଦନକାରୀ ଏବଂ ଓଡ଼ିଶା ରାଜ୍ୟ ବାର୍ କାଉନସିଲ୍ ଏହି ଅଦାଲତରେ ହାଜର ହେବାକୁ ନିଷ୍ପତ୍ତି ନେଇ ନଥିଲେ ।

**୪.** ଏଠାରେ ଉତ୍ତରଦାତା ସଂଖ୍ୟା ୧ ଅନୁଗୁଳର ବିବେକାନନ୍ଦ ଆଇନ ମହାବିଦ୍ୟାଳୟରୁ ୨୦୦୯ ମସିହାରେ ତାଙ୍କ ଆଇନ ଡିଗ୍ରୀ ହାସଲ କରିଥିଲେ । ଏହି ମହାବିଦ୍ୟାଳୟ ବିସିଆଇ ଦ୍ୱାରା ସ୍ୱୀକୃତିପ୍ରାପ୍ତ/ଅନୁମୋଦିତ ହୋଇନାହିଁ । ବାସ୍ତବରେ, ତା ୦୫.୦୧.୨୦୦୨ ରିଖର ଚିଠି ଦ୍ୱାରା,

ବିସିଆଇ ଆଇନ ପାଠ୍ୟକ୍ରମରେ  ଛାତ୍ରମାନଙ୍କୁ ଗ୍ରହଣ ନକରିବାକୁ ଅନୁଗୁଳର ବିବେକାନନ୍ଦ ଆଇନ ମହାବିଦ୍ୟାଳୟକୁ ନିର୍ଦ୍ଦେଶ ଦେଇ କହିଥିଲେ ଯେ, ନାମଲେଖାଇଥିବା ଛାତ୍ରମାନେ ଓକିଲ ଭାବରେ ପଞ୍ଜୀକରଣ ପାଇଁ ଯୋଗ୍ୟ  ହେବେ ନାହିଁ । ଏ ସମ୍ପର୍କରେ ବିସିଆଇ ଓଡ଼ିଶା ରାଜ୍ୟ  ବାର୍ କାଉନସିଲକୁ ତା ୨୮.୦୨.୨୦୧୧ ରିଖରେ  ରେ ଦେଇଥିବା ଚିଠିରେ ପୁନର୍ବାର ଉଲ୍ଲେଖ କରିଛନ୍ତି ।  ଫଳସ୍ୱରୂପ, ଓଡ଼ିଶା ରାଜ୍ୟ  ବାର୍ କାଉନସିଲ୍ ତା ୦୪.୦୫.୨୦୧୧ ରିଖର ଚିଠି ମାଧ୍ୟମରେ ଓକିଲ ଭାବେ ପଞ୍ଜୀକରଣ ପାଇଁ ଉତ୍ତରଦାତା  ସଂଖ୍ୟା ୧ ଙ୍କ ପ୍ରାର୍ଥନାକୁ ଖାରଜ କରିଦେଇଛନ୍ତି । ଏହାଦ୍ୱାରା ବ୍ୟଥିତ ହୋଇ ଉତରଦାତ୍ତା ସଂଖ୍ୟା ୧  ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଡବ୍ଲୁପିସି  ସଂଖ୍ୟା ୩୨୫୦୬/୨୦୧୧ ଦାଖଲ କରିଛନ୍ତି ।

**୫.**  ଉକ୍ତ ରିଟ୍ ଆବେଦନକୁ ଓଡ଼ିଶା ଉଚ୍ଚ ନ୍ୟା ୟାଳୟର ଦୁଇଜଣିଆ  ଖଣ୍ଡପୀଠଙ୍କ  ଦ୍ୱାରା ତା ୨୧.୦୯.୨୦୧୨ ରିଖର ଆକ୍ଷେପିତ ଆଦେଶ ଅନୁଯାୟୀ  ଅନୁମତି ଦିଆଯାଇଥିଲା । **ଭି. ସୁଦିର ବନାମ ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ ଏବଂ ଅନ୍ୟଜଣେ  [(୧୯୯୯ ) ୩  ଏସସିସି ୧୭୬ ]** ମାମଲାରେ, ପୂର୍ବରୁ  ପ୍ରଦାନ କରାଯାଇଥିବା ଏହି ନ୍ୟାୟାଳୟଙ୍କ  ରାୟ  ଉପରେ ଦୁଇ ଜଣିଆ ଖଣ୍ଡପୀଠଙ୍କ ଦ୍ୱାରା  ବିଶ୍ୱାସ  ରଖାଯାଇଥିଲା ଏବଂ ତା  ଦ୍ୱାରା, ଦୁଇଜଣିଆ ଖଣ୍ଡପୀଠ ମତ ବ୍ୟକ୍ତ କରିଛନ୍ତି ଯେ  ଥରେ ଯଦି  ଜଣେ ପ୍ରାର୍ଥୀ ଓକିଲ  ଅଧିନିୟମ ୧୯୬୧(ସଂକ୍ଷିପ୍ତରେ, '୧୯୬୧  ର ଅଧିନିୟମ'), ର ଧାରା ୨୪ (୧ ) ରେ ନିର୍ଦ୍ଧାରିତ ସର୍ତ୍ତାବଳୀ ପୂରଣ କରିବା ପରେ ଏବଂ ସେଠାରେ ଥିବା ଧାରା ୨୪କ   ଅନୁଯାୟୀ  କୌଣସି ଅଯୋଗ୍ୟତା  ଭୋଗ କରିନାହାଁନ୍ତି, ତେବେ ସେ ଓକିଲ ଭାବରେ ପଞ୍ଜୀକରଣ ପାଇଁ ହକଦାର ହେବେ ।  ପୁନଃ ଦୁଇଜଣିଆ  ଖଣ୍ଡପୀଠ କହିଛନ୍ତି ଯେ ବିସିଆଇ ନିୟମ ତିଆରି କରିପାରି ନାହିଁ ଏବଂ ପ୍ରଦତ୍ତ ଅଧିନିୟମ ୧୯୬୧ ଧାରା ୨୪ ରେ ପଞ୍ଜୀକରଣ ପାଇଁ କୌଣସି ସର୍ତ୍ତ ଯୋଡି ପାରିନାହିଁ । ଏହିପରି ବିଚାର କରି, ଦୁଇଜଣିଆ ଖଣ୍ଡପୀଠ ଉତ୍ତରଦାତା  ସଂଖ୍ୟା ୧ ଙ୍କୁ , ପୂର୍ବପରି ସହାୟତା  ପ୍ରଦାନ କରିଛନ୍ତି ।

**୬.**  **ଭି. ସୁଦିର** (ଉପରୋକ୍ତ) ମାମଲାରେ ଏହି ନ୍ୟାୟାଳୟଙ୍କ  ପୂର୍ବ ନିର୍ଣ୍ଣୟ ନିକଟରେ **ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ ବନାମ ବୋନି ଫୋଇ ଆଇନ ମହାବିଦ୍ୟାଳୟ  ଏବଂ ଅନ୍ୟମାନେ[ଦେୱାନୀ ଆବେଦନ ସଂଖ୍ୟା  ୯୬୯/୨୦୨୩ ଇତ୍ୟାଦି , ତା ୧୦.୦୨.୨୦୨୩ ରିଖରେ   ନିର୍ଣ୍ଣୟ ହୋଇଛି]** ମାମଲାରେ ଏକ ସମ୍ବିଧାନ ବିଚାରପୀଠ ସମ୍ମୁଖରେ ବିଚାର ପାଇଁ ପଡ଼ିଥିଲା  । ସମ୍ବିଧାନ ବିଚାରପୀଠଙ୍କ ରାୟ ଦ୍ୱାରା ଦର୍ଶାଯାଇଛି ଯେ **ଭି. ସୁଦିର** (ଉପରୋକ୍ତ) ମାମଲାର  ନିର୍ଣ୍ଣୟ ଭଲ ଆଇନ ନୁହେଁ । ସମ୍ବିଧାନ ବିଚାରପୀଠ କହିଛନ୍ତି ଯେ ପଞ୍ଜୀକରଣ ପୂର୍ବରୁ ବିସିଆଇ ର ଭୂମିକାକୁ ହଟାଇ ଦିଆଯାଇପାରିବ ନାହିଁ ଏବଂ **ଭି. ସୁଦିର** (ଉପରୋକ୍ତ) ମାମଲାର  ନିଷ୍ପତ୍ତିର ଆଧାର ଏହା ଯେ ପୂର୍ବ

ପଞ୍ଜୀକରଣ ସର୍ତ୍ତାବଳୀ ଲାଗୁ କରିବା ବିସିଆଇର ବୈଧାନିକ କାର୍ଯ୍ୟ ମଧ୍ୟରୁ ଗୋଟିଏ ନୁହେଁ, ଯାହାକି ଭୁଲ୍ ଥିଲା । ଏହା ସ୍ୱଷ୍ଟ ଭାବେ କୁହାଯାଇଥିଲା ଯେ ୧୯୬୧ ଅଧିନିୟମର ଧାରା ୪୯ ଯାହାକୁ ଧାରା ୨୪(୩)ଘ ସହିତ ପଢାଯାଏ, ଓକିଲ ଭାବେ ନାମ ଲେଖାଇବାର ଅଧିକାର ପାଇଁ ମାନଦଣ୍ଡ ନିର୍ଦ୍ଧାରଣ କରିବାର କ୍ଷମତା ବିସିଆଇ କୁ ପ୍ରଦାନ କରିଛି ଏବଂ ଫଳସ୍ୱରୂପ, ବିସିଆଇ ର କ୍ଷମତା ଉପରେ **ଭି. ସୁଦିର** (ଉପରୋକ୍ତ) ମାମଲାର ନିଷ୍ପତ୍ତି ଦ୍ୱାରା ଜାରି କରାଯାଇଥିବା ପ୍ରତିବନ୍ଧକ ବଜାୟରହିପାରି ନାହିଁ । ସେହି ଅନୁଯାୟୀ ସମ୍ବିଧାନ ବିଚାରପୀଠ ରାୟ ଦେଇଥିଲେ ଯେ **ଭି. ସୁଦିର** (ଉପରୋକ୍ତ) ଆଇନର ସଠିକ୍ ସ୍ଥିତି ନିର୍ଦ୍ଧାରଣ କରିନଥିଲେ ।

**୭.** ଏହିପରି ବିଚାରକୁ ନେଲେ, ବିସିଆଇ ଦ୍ୱାରା ପ୍ରଣୀତ ନିୟମ ଅନୁଯାୟୀ ଓକିଲ ଭାବେ ନାମଲେଖା ପାଇଁ ଜଣେ ପ୍ରାର୍ଥୀ ବିସିଆଇ ଦ୍ୱାରା ସ୍ୱୀକୃତିପ୍ରାପ୍ତ/ଅନୁମୋଦିତ ମହାବିଦ୍ୟାଳୟରୁ ଆଇନ ପାଠ୍ୟକ୍ରମ ଶେଷ କରିଥିଲେ ତାକୁ ଅବୈଧ ବୋଲି କୁହାଯାଇ ପାରିବ ନାହିଁ, ଯାହା ଆକ୍ଷେପିତ ଆଦେଶରେ କୁହାଯାଇଛି ।

୮. ତେଣୁ, ଆମର ଏହା କହିବାରେ କୌଣସି ଦ୍ୱିଧା ନାହିଁ ଯେ ଦୁଇଜଣିଆ ଖଣ୍ଡପୀଠ ଉତ୍ତରଦାତା ସଂଖ୍ୟା ୧ ଙ୍କୁ ଓକିଲ ଭାବେ ନାମ ପଞ୍ଜୀକରଣ ପାଇଁ ଦେଇଥିବା ନିର୍ଦ୍ଦେଶ ନ୍ୟାୟସଙ୍ଗତ ନଥିଲା, ଯଦିଓ ସେ ଏକ ମହାବିଦ୍ୟାଳୟରୁ ଆଇନ ଡିଗ୍ରୀ ହାସଲ କରିଥିଲେ ଯାହା ବିସିଆଇ ଦ୍ୱାରା ସ୍ୱୀକୃତିପ୍ରାପ୍ତ କିମ୍ବା ଅନୁମୋଦିତ ନଥିଲା ।

ଏହିପରି ଭାବରେ ଆବେଦନକୁ ଅନୁମତି ପ୍ରଦାନ କରାଗଲା, ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ତା ୨୧.୦୯.୨୦୧୨ ରିଖରେ ଡବ୍ଲୁ.ପି.(ସି). ସଂଖ୍ୟା ୩୨୫୦୬/୨୦୧୧ ରେ ପ୍ରଦାନ କରାଯାଇଥିବା ଆଦେଶକୁ ରଦ୍ଦ କରାଗଲା ।

ଏହି ପରିସ୍ଥିତିରେ, ଖର୍ଚ୍ଚ ବାବଦରେ କୌଣସି ଆଦେଶ ନାହିଁ ।

**..... ନ୍ୟାୟମୂର୍ତ୍ତି**

**[ବିକ୍ରମ ନାଥ]**

**..... ନ୍ୟାୟମୂର୍ତ୍ତି**

**[ସଞ୍ଜୟ କୁମାର]**

**ନୂଆ ଦିଲ୍ଲୀ;**

**ଜୁନ୍ ୯, ୨୦୨୩**

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

**TRANSLATED BY**:
Shri Jatadhari Sethi
Translator, High Court of Orissa, Cuttack.